## ସଂକ୍ଷେପରେ

### ୮୯ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୯।୧୧:** ଅନୁଗୋଳ ଜିଲାରୁ ସୋମବାର ୮୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୯,୭୩୭ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଅନୁଗୋଳ ବ୍ଳକରୁ ୨୦ ଜଣ, ପୌରାଞ୍ଚଳରୁ ୧୯, ବଣ୍ଠରପାଳ ବ୍ଳକରୁ ୧୨, ତାଳଚେର ବ୍ଳକରୁ ୧୨, ପୌରାଞ୍ଚଳରୁ ୫, ଛେଣ୍ଡିପଦା ବ୍ଳକରୁ ୧୧, ପାଲଲହଡ଼ା ବ୍ଳକରୁ ୪, କଣିହାଁ ବ୍ଳକରୁ ୩ ଜଣ, ଆଠମଲ୍ଲିକ ବ୍ଳକରୁ ୨ ଓ ଏନ୍ଏସିରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରୁ ୯୧ ଜଣ ରୋଗୀ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୩୦ ଆକ୍ରାନ୍ତ, ୩୮ ସୁସ୍ଥ

**ଢେଙ୍କାନାଳ ଅଫିସ,୯।୧୧:** ଢେଙ୍କାନାଳ ଜିଲାରେ ସୋମବାର ୩୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ୩୮ ଜଣ ଆରୋଗ୍ୟ ଲାଭ କରିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ୫୩୪୪ ଜଣ ସଂକ୍ରମିତ ହୋଇଥିବାବେଳେ ୫୦୬୯ ଜଣ ସୁସ୍ଥ ହୋଇସାରିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଓଡାପଡା ବ୍ଳକରୁ ୧୦, ହିନ୍ଦୋଳ ବ୍ଳକରୁ ୬, ସଦର ବ୍ଳକରୁ ୫, ଗଁଦିଆ ବ୍ଳକରୁ ୨, କାମାକ୍ଷାନଗର ବ୍ଳକରୁ ୨, ପରଜଙ୍ଗ ବ୍ଳକରୁ ୨, ଢେଙ୍କାନାଳ ପୌରାଞ୍ଚଳରୁ ୨ ଓ ଭୁବନ ବ୍ଳକରୁ ୧ ଚିହ୍ନଟ ହୋଇଛନ୍ତି। ଅନ୍ୟ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ସେମାନେ ପଜିଟିଭ୍ ହୋଇଥିବା ସୂଚନା ମିଳିଛି। ସେମାନଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ସମେତ ବିଭିନ୍ନ ବ୍ଳକରେ ଥିବା କେୟାର ସେଣ୍ଟର ଗୁଡିକରେ ଭର୍ତ୍ତି କରାଯାଇଛି।

### ଡିଜିଟାଲ ମାଧ୍ୟମରେ ଆଇନ ସଚେତନତା

**ଢେଙ୍କାନାଳ ଅଫିସ,୯।୧୧:** ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ଅନ୍‌ଲାଇନ ମାଧ୍ୟମରେ ଜାତୀୟ ଆଇନସେବା ଦିବସ ସୋମବାର ପାଳନ କରାଯାଇଛି। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ଉପସ୍ଥିତ ରହି ଜାତୀୟ ଆଇନସେବା ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏତଦ୍‌ବ୍ୟତୀତ ସମାଜରେ ଥିବା ଅବହେଳିତ ଓ ଗରିବ ଲୋକମାନଙ୍କୁ କିପରି ସୁବିଧାରେ ଆଇନସେବା ଯୋଗାଇ ଦିଆଯିବ ସେ ସମ୍ପର୍କରେ ଜିଲା ଆଇନସେବା ପ୍ରାଧିକରଣ ପ୍ୟାନେଲ ଲୟାର ଓ ପାରାଲିଗାଲ ସ୍ୱେଚ୍ଛାସେବୀମାନଙ୍କ ସହିତ ଆଲୋଚନା କରିଥିଲେ।

### ଦିନଟିଏ ରହିଲାନି ତାଳିପକା କାମ

**କଣିହାଁ, ୯।୧୧(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଳକ ସଦର ମହକୁମା ଦେଇ ଯାଇଥିବା ୫୩ ନମ୍ବର ରାଜପଥର ଏନ୍‌ଟିପିସି ବାଇପାସ୍ ଛକଠାରୁ କଣିହାଁ ପର୍ଯ୍ୟନ୍ତ ରାସ୍ତାର ତାଳିପକା କାର୍ଯ୍ୟକୁ ନେଇ ଅସନ୍ତୋଷ ଦେଖାଦେଇଛି। ରବିବାର ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପିଚୁ ଦ୍ୱାରା ଏହି ତାଳି ପକାଯାଇଥିବା କାମ ଦିନେ ମଧ୍ୟ ତିଷ୍ଠି ପାରିନାହିଁ। ମରାମତି ହୋଇଥିବା ସ୍ଥାନରୁ ପିଚୁ ତଳେ ଥିବା ଗେଟିପଥର ବାହାରି ପଡିଥିବାରୁ ଯାତାୟାତ କଷ୍ଟକର ହୋଇଛି। ନିମ୍ନମାନର କାମ ଯୋଗୁ ଏପରି ଅବସ୍ଥା ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ମରାମତି କାମ କରିବାକୁ ଦାବି ହୋଇଛି। ଏ ନେଇ ରାଜପଥ ନିର୍ମାଣ ଓ ମରାମତି ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ ସତ୍ତ୍ୱେ ଫୋନ ନ ଉଠାଇବାକୁ ମତାମତ ମିଳିପାରିନାହିଁ।

### କୂଅରୁ ମୃତଦେହ ଉଦ୍ଧାର

**କାମାକ୍ଷାନଗର, ୯।୧୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମାଳପୁର ଶବରସାହିର ଅଶୋକ ନାୟକ(୩୨)ଙ୍କ ମୃତଦେହ ସୋମବାର ତାଙ୍କ ବାଡି ପଛପଟ କୂଅରୁ ଉଦ୍ଧାର କରାଯାଇଛି। ଅଶୋକ ରବିବାର ସନ୍ଧ୍ୟାରେ ଘରୁ ଆସି ଆଉ ଫେରି ନ ଥିଲେ। ସକାଳୁ କୂଅରେ ଭାସୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରିବା ପରେ କାମାକ୍ଷାନଗର ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଅଶୋକଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ସ୍ୱପ୍ନ ହେବ ସାକାର



**ଅନୁଗୋଳ ଅଫିସ, ୯।୧୧**

- ୨୦୨୧ ମାର୍ଚ୍ଚ ସୁଦ୍ଧା ଭାଗ୍ୟ ବଦଳାଇଦେବେ ସରକାର
- ଅନୁଗୋଳ ସହରରେ ଆଉ ରହିବନି ବସ୍ତି
- ମିଳିବ କୋଠା, ବିଜୁଳି, ପାଣି, ପକ୍କା ରାସ୍ତା ସୁବିଧା

ଜରିପାଲ ତଳେ କି ଝାଟିମାଟି ଘରେ ଆଉ ମୁଣ୍ଡ ଗୁଞ୍ଜିବାକୁ ପଡ଼ିବନି। ପିଇବା ପାଣି ପାଇଁ ଘଣ୍ଟା ଘଣ୍ଟା ନଳ ନିକଟରେ ଅପେକ୍ଷା କରିବାକୁ ହେବନି। ତିବିରି ଆଲୁଅ ଓ ଅପନ୍ତରା ରାସ୍ତାର କଷ୍ଟ ମଧ୍ୟ ସହିବେନି ଅନୁଗୋଳ ବସ୍ତିବାସିନ୍ଦା। କାରଣ ସେମାନଙ୍କ କୋଠା ଘରର ସ୍ୱପ୍ନ ସାକାର ହେବ। ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ ସହ ପକ୍କା ରାସ୍ତାର ସୁବିଧା ମିଳିବ। ମାର୍ଚ୍ଚ ୨୦୨୧ ସୁଦ୍ଧା ସେମାନଙ୍କ ଭାଗ୍ୟ ବଦଳାଯିବ। ଅନୁଗୋଳକୁ ବସ୍ତିମୁକ୍ତ କରିବାକୁ ରାଜ୍ୟ ସରକାର ଯୋଜନା କରିଥିବା ବେଳେ ପ୍ରଶାସନ ପକ୍ଷରୁ ଏ ନେଇ ପ୍ରକ୍ରିୟାକୁ ଜୋରଦାର କରାଯାଇଛି।

ଅନୁଗୋଳ ସହରରେ ରହିଛି ୧୩ଟି ବସ୍ତି। ମୁସ୍‌ଲିମ୍ ସାହି, ରାଜକିଶୋରପଡ଼ା, ନଖରା ସାହି, ଦୋଳମଣ୍ଡପ ସାହି, ଜୟାନନ୍ଦ ମାର୍ଗ, ହାକିମପଡ଼ା ହାପି ବସ୍ତି, ରାଧାରମଣପଡ଼ା, ସୌଭାଗ୍ୟନଗର, ଭରତନଗର, ସୁଇପର କଲୋନୀ, ହରିଜନ ସାହି, ଜବରଦସ୍ତିପଡ଼ା ଓ ମହିଳା ମହାବିଦ୍ୟାଳୟ ପଛପାର୍ଶ୍ୱରେ ବସ୍ତି ରହିଛି। ଏସବୁ ବସ୍ତିରେ ରହୁଥିବା ଲୋକଙ୍କୁ ସହରୀ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ଚାହୁଁଥିବାରୁ ପୌରପାଳିକା ପକ୍ଷରୁ ଏଠାରେ ମୋଟ୍ ୨୬୧୨ଟି ଘର ରହିଥିବା ଚିହ୍ନଟ କରାଯାଇଛି। ଇତିମଧ୍ୟରେ ହଜାରେରୁ ଅଧିକ ଲୋକଙ୍କୁ ଭୂମି ଅଧିକାର ପ୍ରମାଣପତ୍ର(ଏଲ୍ଆର୍‌ସି) ବଣ୍ଟନ କରାଯାଇଛି। ଏତଦ୍‌ବ୍ୟତୀତ ଘରଟିଏ ନ ଥିବା ୩୭୫ ଜଣଙ୍କୁ ସହରରେ ବାସ କରୁଥିବା ଯୋଗ୍ୟତା ପ୍ରମାଣପତ୍ର(ଏଲଇସି) ବଣ୍ଟନ କରାଯାଇଛି। ହାତରେ ଆଉ ମାତ୍ର କେଇମାସ ଥିବାରୁ ବସ୍ତିବାସିନ୍ଦାଙ୍କ ନିମନ୍ତେ କିପରି ଶୀଘ୍ର କୋଠା ନିର୍ମାଣ ସହ ଅନ୍ୟ ଆନୁଷଙ୍ଗିକ ସୁବିଧା କରାଯିବ ସେଥିପାଇଁ ଜୋରଦାର କାର୍ଯ୍ୟ ଚାଲିଛି। ୩୦୬ଟି ଘରକୁ ଟ୍ୟାପ୍ ପାଣି ପହଞ୍ଚାଯାଇଥିବା ବେଳେ ୮୯୨ଟି ଘରେ ପାଇଖାନା, ୧୧୮ ଘରେ ବିଜୁଳି ସଂଯୋଗ କରାଯାଇଛି। ସେହିପରି ୨୬୮ଟି ଷ୍ଟ୍ରିଟ୍ ଲାଇଟ୍, ୧.୯୦୨ କିଲୋମିଟରର ପକ୍କା ରାସ୍ତା, ୯୭୪ ମିଟରର ଡ୍ରେନ୍ ବ୍ୟବସ୍ଥା କରାଯାଇଛି। ୫ଟି ବସ୍ତିରେ ୮୦ ପ୍ରତିଶତ ଉନ୍ନୟନ କାର୍ଯ୍ୟ ସରିଥିବାବେଳେ ଅବଶିଷ୍ଟ ବସ୍ତିଗୁଡ଼ିକରେ ୬୦ ପ୍ରତିଶତ କାର୍ଯ୍ୟ ହୋଇଥିବା ପୌରପାଳିକା ପକ୍ଷରୁ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ସପ୍ତାହରେ ଜିଲା ପ୍ରଶାସନ ସହ ଆଲୋଚନା ହୋଇଥିବା ସୂଚନା ମିଳିଛି।

### ଜାଗା ପାଇଥିବାରୁ ଖୁସି ଲାଗୁଛି



ଅନୁଗୋଳ ସହରରେ ରହୁଥିଲେ ମଧ୍ୟ ନିଜସ୍ୱ ଜାଗା ନ ଥିଲା। ଏବେ ପୌର ପ୍ରଶାସନଠାରୁ ଭୂମି ଅଧିକାର ପ୍ରମାଣପତ୍ର ପାଇବା ପରେ ଖୁସି ଲାଗୁଛି। ଜବରଦଖଲ କରିଥିବା ଆଉ କେହି କହିପାରିବେ ନାହିଁ। ସହରୀ ସୁବିଧା ମିଳିବା ପରେ ବସ୍ତି ବାସିନ୍ଦା ବୋଲି ମଧ୍ୟ କହିବାକୁ କୁଣ୍ଠାବୋଧ କରିବେ।

—ରେଣୁବାଳା ଦାସ, ରାଜକିଶୋରପଡ଼ା

### ଯୋଗ୍ୟତାଧାରୀଙ୍କୁ ଭୂମି ପ୍ରମାଣପତ୍ର ମିଳୁ



ଯୋଗ୍ୟତା ପ୍ରମାଣପତ୍ର ପାଇଥିବା ଲୋକଙ୍କୁ ତୁରନ୍ତ ଭୂମି ପ୍ରମାଣପତ୍ର ପ୍ରଦାନ କରାଯାଉ। ସେହିପରି ସହରକୁ ବସ୍ତିମୁକ୍ତ କରିବାର ଯେଉଁ ଲକ୍ଷ୍ୟ ରଖାଯାଇଛି, ତାହା ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂରଣ କରାଯାଉ। ନ ହେଲେ ଏହି ସରକାରୀ ଯୋଜନା ଉପରୁ ଲୋକଙ୍କ ବିଶ୍ୱାସ ହଟିଯିବ।

—ରଶ୍ମିରଞ୍ଜନ ପ୍ରଧାନ, ବୁଦ୍ଧିଜୀବୀ

### ପୌର ନିର୍ବାଚନ ପୂର୍ବରୁ ଥୋପ



ଆଗକୁ ପୌର ନିର୍ବାଚନ ଥିବାରୁ ବସ୍ତିବାସିନ୍ଦାଙ୍କ ଭୋଟ ହାତେଇବା ପାଇଁ ସରକାର ଥୋପ ଦେଇଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ଯେମିତି 'କାଳିଆ' ଯୋଜନା ଘୋଷଣା କରିଥିଲେ ଏହା ଠିକ୍ ସେହିପରି। ପରବର୍ତ୍ତୀ ଅବସ୍ଥାରେ ଏହା ମଧ୍ୟ ଯୋଜନାରେ ରହିଯିବା ଭଳି ଲୋକେ ମନେ କରୁଛନ୍ତି।

—ରଶ୍ମିରଞ୍ଜନ ସାହୁ, ଅନୁଗୋଳବାସୀ

### ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବୁ



ଅନୁଗୋଳ ସହରକୁ ବସ୍ତିମୁକ୍ତ କରିବା କାର୍ଯ୍ୟ ଜୋର୍‌ଧରିଛି। ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ ନେଇ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କେତୋଟି ବସ୍ତିରେ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ବସିଥିବାରୁ ବିଳମ୍ବ ହେବନାହିଁ ବୋଲି ମନେ ହେଉଛି।

—ବିନୋଦ ଚନ୍ଦ୍ର ପଣ୍ଡା, ପୌର ନିର୍ବାହୀ ଅଧିକାରୀ

# ଥାନା ଘେରିଲେ ଆନ୍ଦୋଳନକାରୀ

**କଣିହାଁ, ୯।୧୧(ଡି.ଏନ.ଏ.)**

**ଖଣି କର୍ତ୍ତୃପକ୍ଷଙ୍କ କାମକୁ ବିରୋଧ**

ନିଯୁକ୍ତି ଦାବିରେ ଗତ ଅକ୍ଟୋବର ୯ ତାରିଖରୁ ଆନ୍ଦୋଳନ ଚଳାଇଥିବା ଅନୁଗୋଳ ଜିଲା ଏମ୍‌ସିଏଲ୍‌ର କଣିହାଁ ଓସିପି କ୍ଷତିଗ୍ରସ୍ତ ସୋମବାର ଖଣି କର୍ତ୍ତୃପକ୍ଷଙ୍କ କାର୍ଯ୍ୟକୁ ବିରୋଧ କରିଛନ୍ତି। କ୍ଷତିଗ୍ରସ୍ତଙ୍କ ଜମି ସମତୁଲ କରାଯାଉଥିବାବେଳେ ଆନ୍ଦୋଳନକାରୀ ଜେସିବି ଜବତ କରିବା ସହ ଏନ୍‌ଟିପିସି ଥାନା ଘେରାଉ କରିଛନ୍ତି। ଅଭିଯୋଗ ମୁତାବକ, ଆର୍‌ପିଡିଏସି ବୈଠକରେ କ୍ଷତିଗ୍ରସ୍ତ ପରିବାରକୁ ଚାକିରି ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ୨୫ରୁ ଊର୍ଦ୍ଧ୍ୱ ପରିବାରକୁ ନିଯୁକ୍ତି ମିଳି ନ ଥିବାରୁ ଆନ୍ଦୋଳନ ଚାଲିଛି। ଗତ ମାସ ୧୯ ତାରିଖରେ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା ହୋଇଥିଲା। ଯେଉଁ କ୍ଷତିଗ୍ରସ୍ତ ପରିବାରକୁ ନିଯୁକ୍ତି ମିଳିନାହିଁ ସେମାନଙ୍କ ଜାଗା ସମତୁଲ କରା ନ ଯିବାକୁ ଖଣି କର୍ତ୍ତୃପକ୍ଷଙ୍କୁ ପ୍ରଶାସନ ତରଫରୁ କୁହାଯାଇଥିଲା। କିନ୍ତୁ ଏହାକୁ ଅବମାନନା କରି ଖଣି କର୍ତ୍ତୃପକ୍ଷ କ୍ଷତିଗ୍ରସ୍ତଙ୍କ ଜାଗା ସମତୁଲ କରିବାରୁ ବିରୋଧ କରାଯାଇଛି। ଆନ୍ଦୋଳନରେ ପଦ୍ମିନୀ ସାହୁ, ଜୟନ୍ତୀ ସାହୁ, ଜ୍ୟୋସ୍ନାରାଣୀ ସାହୁ, ସଂଯୁକ୍ତା ସାହୁ, ସ୍ୱପ୍ନାସରିତା ସ୍ୱାଇଁଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ମହିଳା ଓ ଅନ୍ୟମାନେ ସାମିଲ ଥିଲେ। ଏ ନେଇ ଆଇଆଇସି ଦୀପିକା ଦେବୀରାୟଙ୍କୁ ଯୋଗାଯୋଗ ସତ୍ତ୍ୱେ ମତାମତ ମିଳିନାହିଁ। ଖବର ଲେଖା ହେବା ସୁଦ୍ଧା ଆନ୍ଦୋଳନ ଜାରି ରହିଛି।




ଏନ୍‌ଟିପିସି ଥାନା ସମ୍ମୁଖରେ ବିକ୍ଷୋଭକାରୀ।

## ସ୍ମେଲଟର ମହାପ୍ରବନ୍ଧକଙ୍କୁ ଦାବି ଜଣାଇଲା ନେସ୍

**ବଣ୍ଠରପାଳ, ୯।୧୧(ଡି.ଏନ.ଏ.)**

କର୍ମଚାରୀଙ୍କୁ ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ନାଲ୍‌କୋ ଏମ୍ପ୍ଲଇଜ୍ ସଂଘ(ନେସ୍) ଶନିବାର ସ୍ମେଲ୍‌ଟର ମହାପ୍ରବନ୍ଧକଙ୍କୁ ଘେରିଥିଲା। ୧୯୯୭ରୁ ୨୦୧୬ ମଧ୍ୟରେ ପଦୋନ୍ନତି ପାଇଥିବା କର୍ମଚାରୀଙ୍କୁ ତୁରନ୍ତ ବକେୟା ପ୍ରଦାନ କରିବାକୁ ସଂଘ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଓ ସାଧାରଣ ସମ୍ପାଦକ ନିର୍ମଳ କୁମାର ସାମଲ ଦାବି କରିଛନ୍ତି। ସଂଘ ପଦାଧିକାରୀ ମୁରଲୀଧର ପଣ୍ଡା, ବିଜନ ଦଳବେହେରା, ରାମଚନ୍ଦ୍ର ମୁଣ୍ଡା, ରଞ୍ଜିତ ସାହୁ, ମନୋଜ ସ୍ୱାଇଁ, ଅଶ୍ୱିନୀ ସାମଲ, ବସନ୍ତ ନାଏକ, ନିରୋଦ ଧୀର, ଶ୍ରବଣ ସ୍ୱାଇଁ, ସୁଧାଂଶୁ ମିଶ୍ର, ପ୍ରଦୀପ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ସ୍ମେଲ୍‌ଟର ମହାପ୍ରବନ୍ଧକଙ୍କ ସହ ଆଲୋଚନା ଚାଲିଛି।

## ବନ୍ଦ ପାର୍କରେ ନିଶାଡ଼ିଙ୍କ ଆଡ୍ଡା ଘଟଣା
## ତାଗିଦ କଲେ ପୌର କର୍ତ୍ତୃପକ୍ଷ

**ଅନୁଗୋଳ ଅଫିସ, ୯।୧୧**

କୋଭିଡ୍ ପାଇଁ ଅନୁଗୋଳବାସୀଙ୍କୁ ଇକୋ ପାର୍କ ବାରଣ କରାଯାଇଥିଲେ ମଧ୍ୟ ସେଠାରେ ଅସାମାଜିକ ଓ ନିଶାଡ଼ିମାନଙ୍କ ଆଡ୍ଡା ଜମିବା ଘଟଣା ନେଇ ସୋମବାର 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ପୌର କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ଘଟଣାସ୍ଥଳକୁ ଅନୁଧ୍ୟାନ କରିବାକୁ ଯାଇଥିଲେ ହେଁ ପାର୍କ ଦାୟିତ୍ୱରେ ଥିବା କର୍ମଚାରୀ ଭୟରେ ତାଲା ପକାଇ ସେଠାରୁ ପଳାଇ ଯାଇଥିଲେ। ପରେ ପୌର କର୍ତ୍ତୃପକ୍ଷ ପାର୍କ ଠିକାରେ ନେଇଥିବା ସଂସ୍ଥାର କର୍ମଚାରୀଙ୍କୁ ଡାକି ତାଗିଦ କରିଥିଲେ। ଉକ୍ତ ଘଟଣାର ଆଉ ପୁନରାବୃତ୍ତି ହେବ ନାହିଁ ବୋଲି ପ୍ରତିଶ୍ରୁତି ମିଳିଥିବା ନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି।



ଅନୁଗୋଳସ୍ଥିତ ନାରାୟଣ ସାଗରରେ ସୋମବାର ଅପରାହ୍ନରେ ଭସା ବାଦଲର ପ୍ରତିଛବି। (ଫଟୋ- ବୁବୁ)

# ମେଲାଣି ନେଲେ ମା' ଲକ୍ଷ୍ମୀ

**ଢେଙ୍କାନାଳ ଅଫିସ,୯।୧୧**



ମିନାବଜାରଠାରେ ଭସାଣି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

- ମଧ୍ୟାହ୍ନ ୧୨ଟା ସୁଦ୍ଧା ସରିଲା ବିସର୍ଜନ ପର୍ବ
- ପରମ୍ପରା ରକ୍ଷା କରି ନଡ଼ିଆ ବାଡ଼େଇଲେ ଜିଲାପାଳ
- ଅସ୍ଥାୟୀ ଜଳାଶୟକୁ ନେଇ ଅସନ୍ତୋଷ

ଢେଙ୍କାନାଳ ଲକ୍ଷ୍ମୀପୂଜା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। କୋଭିଡ୍ କଟକଣା ଅନୁପାଳନ ମଧ୍ୟରେ ସୋମବାର ବିନା ଆଡମ୍ବରରେ ମା'ଙ୍କ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହେଲେ କୁଞ୍ଜକାନ୍ତ ପୋଖରୀଠାରେ ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ଜଳାଶୟରେ କମ୍ ପାଣି ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

ସକାଳ ସାଢେ ୭ଟାରୁ ଭସାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ପ୍ରଥମେ ମିନାବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ବିସର୍ଜନ ପର୍ବ ଆରମ୍ଭ କରାଯାଇଥିଲା। ପରମ୍ପରା ଅନୁଯାୟୀ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ନଡିଆ ବାଡେଇ ଶୁଭାରମ୍ଭ କରିଥିଲେ। ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ତହସିଲଦାର ଲକ୍ଷ୍ମୀଧର ରାଉତ, ମିଳିତବଜାର ଲକ୍ଷ୍ମୀପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ମିନାବଜାର ପୂଜା ପ୍ରତିଷ୍ଠାନ ସଭାପତି ରବି ନାରାୟଣ ପଟ୍ଟନାୟକ, ସମ୍ପାଦକ ପୀତବାସ ସାହୁ, ଜବାହାରଚୌକ ପୂଜା କମିଟି ସମ୍ପାଦକ ସୁଧାଂଶୁ ଦଳେଇ, ଶାନ୍ତିକମିଟି ସଭ୍ୟ ନବକିଶୋର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ମେଢ଼ ଗୁଡିକୁ ସୁବିଧା ମୁତାବକ ବିଭିନ୍ନ ଅସ୍ଥାୟୀ ଜଳାଶୟକୁ ନିଆଯାଇ ବିସର୍ଜନ କରାଯାଇଥିଲା। ତେବେ କୁଞ୍ଜକାନ୍ତ ପୋଖରୀଠାରେ କରାଯାଇଥିବା ଅସ୍ଥାୟୀ ଜଳାଶୟରେ ପାଣି ନ ଥିବା ନେଇ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଏହାର ପ୍ରତିବାଦ କରିଥିଲେ। ଶେଷରେ ଅସ୍ଥାୟୀ ଜଳାଶୟରେ ପାଣି ଭରାଯିବା ପରେ ମେଢ଼ଗୁଡ଼ିକ ବିସର୍ଜନ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ମୁତୟନ ହୋଇଥିଲା। ଏ ନେଇ ମିଳିତବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା କହିଛନ୍ତି, କୁଞ୍ଜକାନ୍ତ ପୋଖରୀ ଠାରେ ହୋଇଥିବା ଅସ୍ଥାୟୀ ଜଳାଶୟରେ ପାଣି ନ ଥିଲା। ପୌର କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଟ୍ୟାଙ୍କର ଯୋଗେ ପାଣି ଭରାଯାଇଥିଲା। ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କହିଛନ୍ତି, ଚଳିତବର୍ଷ କୋଭିଡ୍ କଟକଣା ଯୋଗୁ ବହୁ ଜଳାଶୟ ନିକଟରେ ଅସ୍ଥାୟୀ ଜଳାଶୟ କରାଯାଇଥିଲା। ପାଣିର ଟିକେ ସମସ୍ୟା ଥିଲା। ଜାଣିବା ପରେ ଟ୍ୟାଙ୍କର ଯୋଗେ ପାଣି ଭର୍ତ୍ତି କରାଯାଇଥିଲା।

# ହାତୀ ସୁରକ୍ଷା ପାଇଁ ମଣିଷ ସଚେତନ ହେଉ

**ବଇଣ୍ଡା, ୯।୧୧(ଡି.ଏନ.ଏ.)**

ମଣିଷ ଦିନକୁ ଦିନ ସ୍ୱାର୍ଥପର ହୋଇ ବନ୍ୟପ୍ରାଣୀଙ୍କ ଆବାସ ନଷ୍ଟ କରିବାରେ ଲାଗିଛି। ଜଙ୍ଗଲ ହ୍ରାସ ପାଉଥିବାରୁ ହାତୀପଲ ଗ୍ରାମାଭିମୁଖୀ ହୋଇ ଫସଲ ସହ ଧନ ଜୀବନ ନଷ୍ଟ କରୁଛନ୍ତି। ଅନେକ ସମୟରେ ଶିକାର ହେଉଥିବାରୁ ସେମାନଙ୍କ ସଂଖ୍ୟା କମିବାରେ ଲାଗିଛି। ତେଣୁ ହାତୀକୁ ସୁରକ୍ଷା ଯୋଗାଇପାରିଲେ ମଣିଷ ମଧ୍ୟ ସୁରକ୍ଷିତ ରହିପାରିବ। ଏ ନେଇ ସଭିଏଁ ସଚେତନ ହେବା ଜରୁରୀ ବୋଲି ଆଠମଲ୍ଲିକ ବ୍ଳକ ଆମ୍ବଶରମୁଣ୍ଡା ପଞ୍ଚାୟତ ଜନକପୁର ଗ୍ରାମରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଆମ୍ବଶରମୁଣ୍ଡା ଫରେଷ୍ଟର ସନ୍ତୋଷ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବନଖଣ୍ଡର ସହକାରୀ ବନ ସଂରକ୍ଷକ ସାଧନା ପ୍ରିୟଦର୍ଶିନୀ ସ୍ୱାଇଁ, ଧଣ୍ଡାତୋପା ରେଞ୍ଜର ରାହାସ ସାହୁ, ଫରେଷ୍ଟର ସୁବ୍ରତ କୁମାର ଶତପଥୀ, କିଶୋର ପ୍ରଧାନଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ଏଥିରେ ୯ ଜଣ ଗ୍ରାମବାସୀଙ୍କୁ ଟର୍ଚ୍ଚ ଲାଇଟ ପ୍ରଦାନ କରାଯାଇଥିଲା।



ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ।

## ସଂକ୍ଷେପରେ

### ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



**ଢେଙ୍କାନାଳ ଅଫିସ, ୯।୧୧:** ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ମହାପାତ୍ର (ମୁଦଗଲ)ଙ୍କ ରବିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସ୍ଥାନୀୟ ଗୁଡ଼ିଆନାଳୀ ଶିକ୍ଷକ କଲୋନୀସ୍ଥିତ ବାସଭବନରେ ଏହି ଦୁଃଖଦ ଘଟଣା ଘଟିଥିଲା। ତାଙ୍କୁ ୭୯ବର୍ଷ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ର ପହଞ୍ଚି ଶେଷଦର୍ଶନ କରିଥିଲେ। ସ୍ୱର୍ଗତ ମହାପାତ୍ର ପ୍ରଧାନଶିକ୍ଷକ ଭାବେ ଅବସରଗ୍ରହଣ କରିଥିଲେ। ତାଙ୍କୁ ୧୯୯୧ରେ ରାଜ୍ୟପାଳ ଏବଂ ୧୯୯୩ରେ ରାଷ୍ଟ୍ରପତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେହିପରି ୨୦୦୯ରେ ସେ ରାଜ୍ୟପାଳଙ୍କଠାରୁ ବିଦ୍ୟାଳୟ ଗୌରବ ସମ୍ମାନ ପାଇଥିଲେ। ଶିକ୍ଷକତା ବ୍ୟତୀତ ଲେଖନୀ ଚାଳନା କରି ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ ବସନ୍ତ। 'ଚାରୁରୁଚୀ' ଏବଂ 'ମୋକ୍ଷମେଖଳା' ତାଙ୍କ ଦ୍ୱାରା ରଚିତ ଦୁଇଟି ପୁସ୍ତକ। ସେ ଜିଲା ଲେଖକ ସଂସଦର ସଭାପତି ପଦବୀରେ ଦୀର୍ଘଦିନ ରହିଥିଲେ। ୨୦୦୨ ଜୁଲାଇରେ ସେ ସାଙ୍କୁଲେଇ ଏମ୍‌ଇ ସ୍କୁଲରୁ ଅବସରଗ୍ରହଣ କରିଥିଲେ।

### ବାଲି ବୋଝେଇ ୨ ଟ୍ରାକ୍ଟର ଜବତ

**କାମାକ୍ଷାନଗର, ୯।୧୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ତହସିଲଦାର ସଞ୍ଜୟ ରାଉତଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ରାଜସ୍ୱ ବିଭାଗ ତରଫରୁ ଜିରାଳ ଆର୍‌ଆଇ ସର୍କଲରେ ଚଢ଼ାଉ କରାଯାଇଥିଲା। ଏଥିରେ ମୁଗୁପଦା ଓ କାଟେଣୀଠାରୁ ବେଆଇନ ଭାବେ ବାଲି ବୋଝେଇ କରିଥିବା ୨ଟି ଟ୍ରାକ୍ଟର ଜବତ କରାଯାଇଛି। ସେଥିରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି।

### ସୁଧାର ଗୃହରେ ଶୀତବସ୍ତ୍ର ବଣ୍ଟନ




**ଅନୁଗୋଳ ଅଫିସ, ୯।୧୧:** ଅନୁଗୋଳ ସହର ଉପକଣ୍ଠରେ ଥିବା ପଞ୍ଚମହଲା ସୁଧାର ଗୃହଠାରେ ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ବିଶ୍ୱ ଅନାଥ ଦିବସ ପାଳନ କରାଯାଇଛି। ପ୍ରତ୍ୟେକ ଅନ୍ତେବାସୀ କିପରି ଦେଶ ଓ ଜାତିର ଗର୍ବ ଓ ଗୌରବ ହୋଇପାରିବେ ସେ ନେଇ ମଧ୍ୟ ସଦସ୍ୟମାନେ ଉତ୍ସାହିତ କରିଥିଲେ। ଶୀତ ଦିନକୁ ଦୃଷ୍ଟିରେ ରଖି ୪୦ଟି କମ୍ବଳ ଅନ୍ତେବାସୀଙ୍କୁ ସାଥୀ ପରିବାର ପକ୍ଷରୁ ବଣ୍ଟନ କରାଯାଇଥିଲା।

### ଷଣ୍ଢକୁ ଧକ୍କା ଦେଇ ସ୍କୁଟି ଆରୋହୀ ଗୁରୁତର

**ଅନୁଗୋଳ ଅଫିସ, ୯।୧୧:** ଅନୁଗୋଳ ସହରର ଗାନ୍ଧୀମାର୍ଗ ଛକରେ ସୋମବାର ଦୁଇ ଷଣ୍ଢ ଲଢ଼େଇ କରୁଥିବା ବେଳେ ସ୍କୁଟିରେ ଆସୁଥିବା ଜଣେ ମହିଳା ଷଣ୍ଢକୁ ଧକ୍କା ଦେବାରୁ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଥିରେ ସ୍କୁଟିଟି ଚୂରମାର ହେବା ସହ ନିକଟରେ ଥିବା ଏକ କାର୍ ମଧ ଭାଙ୍ଗିରୁଜି ଯାଇଛି।

### ଅପହରଣ ଅଭିଯୋଗରେ ଜଣେ ଗିରଫ

**ଅନୁଗୋଳ ଅଫିସ, ୯।୧୧:** ଅନୁଗୋଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପୋଲିସ ଜଣେ ନାବାଳକଙ୍କୁ ଗିରଫ କରି ବାଳସୁଧାର ଗୃହକୁ ପଠାଇଛି। ଏସ୍‌ଆଇ ତୁଷାର ମହାନ୍ତି ଘଟଣାର ତଦନ୍ତ କରୁଥିବାବେଳେ ଉଭୟେ କୁମୁରିସିଂହାରେ ଥିବା ଜାଣିବାକୁ ପାଇଥିଲେ। ନାବାଳିକାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଫସଲ ବଞ୍ଚାଇବାକୁ ସଂଘର୍ଷ



**ବଇଣ୍ଡା, ୯।୧୧(ଡି.ଏନ.ଏ.)**

- ମାସେ ହେଲାଣି ହଣ୍ଡପାରେ ୭ ହାତୀଙ୍କ ଉପଦ୍ରବ
- ୫୦ ଏକରରେ ଧାନ ନଷ୍ଟ କଲେଣି
- ପାଳିକରି ମଞ୍ଚାରେ ଜଗୁଛନ୍ତି ଚାଷୀ

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିଚାଲିଛି। ପ୍ରାୟ ମାସେ ହେଲା ୭ଟି ହାତୀ ନିୟମିତ ଭାବେ ଧାନଚାଷ ଖାଇ ନଷ୍ଟ କରୁଥିବାରୁ ଫସଲ ବଞ୍ଚାଇବାକୁ ଏଠାକାର ଚାଷୀଙ୍କୁ ସଂଘର୍ଷ କରିବାକୁ ପଡୁଛି। ଆଖିଆଗରେ ବର୍ଷକର ଖାଦ୍ୟ ଉଜୁଡ଼ିଯାଉଥିଲେ ବି ବନ ବିଭାଗ ପ୍ରତିକାର ବ୍ୟବସ୍ଥା କରୁ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ହଣ୍ଡପା ରେଞ୍ଜ୍ ଗାଁ ବଇଣ୍ଡା ପଞ୍ଚାୟତର ଧୁଣ୍ଡି ଓ ବଡହୁଲା ଗ୍ରାମରେ ପ୍ରାୟ ମାସେ ହେଲା ହାତୀପଲ ଗ୍ରାମବାସୀ ତଥା ଚାଷୀଙ୍କ ଏପରି ଚିନ୍ତାର କାରଣ ପାଲଟିଛନ୍ତି। ଦୁର୍ଗାପୁର ରେଞ୍ଜରୁ ମୋଟ୍ ୭ଟି ହାତୀ ହଣ୍ଡପା ରେଞ୍ଜକୁ ଚାଲିଆସିଛନ୍ତି। ବିଶେଷକରି ଧୁଣ୍ଡି ଓ ବଡହୁଲା ଗ୍ରାମ ନିକଟସ୍ଥ ଦନ୍ତାରିଖୋଲ ଜଙ୍ଗଲରେ ଦିନବେଳା ରହୁଥିବାବେଳେ ରାତି ହେଲେ ଗ୍ରାମ ନିକଟ ଜମିରେ ଫସଲ ଖାଇ ଓ ଦଳି ଚକଟି ନଷ୍ଟ କରୁଛନ୍ତି। ଦୁଇ ଗ୍ରାମର ପ୍ରାୟ ୭୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରୁଥିଲେ ହେଁ ହାତୀ ଉପଦ୍ରବରୁ ଫସଲ ରକ୍ଷା କରିପାରୁନାହାନ୍ତି। ଏ ପର୍ଯ୍ୟନ୍ତ ୫୦ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ନଷ୍ଟ କରିସାରିଥିଲେ ମଧ୍ୟ ହାତୀ ଘଉଡାଇବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବା ବଡହୁଲା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ ମଧ କରାଯାଉ ନାହିଁ। ଗ୍ରାମବାସୀ ନିଜେ ବାଣ କିଣି ଫୁଟାଇବା ସହ ରାତି ଉଜାଗର ରହି ହାତୀ ଘଉଡାଉଛନ୍ତି। ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବା ସହ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା କହିଛନ୍ତି, ହାତୀ ଘଉଡାଇବାକୁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି।

### ଚାଷୀଙ୍କ ନିଦ ହଜାଇଦେଲେଣି



ହାତୀପଲ ଲଗାତାର ବିଲରେ ପଶି ଫସଲ ନଷ୍ଟ କରୁଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ ବନ ବିଭାଗ ପଦକ୍ଷେପ ନେଉ ନ ଥିବାରୁ ଚାଷୀଙ୍କ ନିଦ ହଜିଗଲାଣି। ଋଣକରି ଚାଷୀ କରିଥିବା ଚାଷ ଉଜୁଡ଼ିଯାଉଥିବା ବେଳେ କ୍ଷତିପୂରଣ ମିଳୁନାହିଁ।

– ଲିଙ୍ଗରାଜ ବିଶ୍ୱାଳ, ଚାଷୀ

### ରାତି ସାରା ଜଗିବାକୁ ପଡୁଛି



ହାତୀ ଉପଦ୍ରବ ଯୋଗୁ ଦୁଇଗ୍ରାମବାସୀ ଫସଲ ରକ୍ଷା କରିପାରୁ ନାହାନ୍ତି। ସେମାନେ ରାତିରେ ପାଳିକରି ବିଲରେ ମଞ୍ଚା ଉପରେ ଜଗି ରହୁଥିଲେ ମଧ ବିଭାଗ ପକ୍ଷରୁ କୌଣସି ସହଯୋଗ ମିଳୁନି। ତେଣୁ ରାତି ଅନିଦ୍ରା ହେବାର କିଛି ସୁଫଳ ମିଳିପାରୁନାହିଁ।

–ସନ୍ତୋଷ କୁମାର, ଚାଷୀ

### ନିଆଁ ହୁଳା ଧରି ଘଉଡ଼ାଉଛୁ



ବନ ବିଭାଗକୁ ସୂଚନା ଦେଲେ ମଧ କାହାରି ଦେଖା ମିଳୁନି। ଫଳରେ ଚାଷୀମାନେ ନିଆଁ ହୁଳା ଧରି ହାତୀ ଘଉଡାଉଛନ୍ତି। ଏକର ଏକର ଜମିରେ ଫସଲ ନଷ୍ଟ ହେଉଥିବାରୁ ବନ ବିଭାଗ ଏହାର ସ୍ଥାୟୀ ପ୍ରତିକାର ଦିଗରେ ପଦକ୍ଷେପ ନେଉ।

–ବସନ୍ତ ରାଉଳ, ଚାଷୀ

### କ୍ଷତିପୂରଣ ଦେଉ ବିଭାଗ



ହାତୀ ଯୋଗୁ ଚାଷୀମାନେ ବହୁ କ୍ଷତି ସହିଲେଣି। କିନ୍ତୁ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ ଦିଗରେ ପଦକ୍ଷେପ ନିଆଯାଉ ନାହିଁ। କେବଳ ଫସଲକୁ ସୁରକ୍ଷା ଦେବାକୁ ବିଭାଗୀୟ ଅଧିକାରୀ ଲୋକଙ୍କୁ ପରାମର୍ଶ ଦେଉଥିବାବେଳେ ସହଯୋଗ କରୁନାହାନ୍ତି।

–କୃଷ୍ଣଚନ୍ଦ୍ର ବାରିକ, ଚାଷୀ

# ଚୋରାଚାଲାଣ, ୮ ଗିରଫ




ଅଭିଯୁକ୍ତଙ୍କ ସହିତ ଜବତ ଟ୍ରାକ୍ଟର।

**ଢେଙ୍କାନାଳ ଅଫିସ, ୯।୧୧**

## ୪ ଟ୍ରାକ୍ଟର, ଟିପ୍ପର ଜବତ

ଢେଙ୍କାନାଳ ଜିଲା ବାଲିମୀ ଓ ସଦର ଥାନା ଅଞ୍ଚଳରେ ସୋମବାର ପୋଲିସ ଚଢ଼ାଉ କରି ପଥର ଓ ବାଲି ଚୋରାଚାଲାଣ କରୁଥିବା ୪ ଟ୍ରାକ୍ଟର ଓ ଏକ ଟିପ୍ପର ଜବତ କରିଛି। ଏଥିସହ ୮ ଜଣଙ୍କୁ ଗିରଫ କରାଯାଇଛି। ବାଲିମୀ ଥାନା ତର୍କାବେଡା ପଥର ଖାଦାନରୁ ଟିପ୍ପର(ଓଆର.୧୯-ଇ-୨୦୩୫) ଯୋଗେ କଳାପଥର ଚୋରାଚାଲାଣ କରାଯାଉଥିବା ବେଳେ ଶିଶୁଗୋଡା-ଝାଡବନ୍ଧ ରାସ୍ତାରେ ବାଲିମୀ ପୋଲିସ ଏହାକୁ ଜବତ କରିଥିଲା। ଚାଳକ ଅନୁଗୋଳ ଜିଲା ବଅଁରପାଳ ଥାନା ଅପର୍ତ୍ତିପୁର ଗ୍ରାମର ଜିତେନ୍ଦ୍ର ଦାସଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ନଂ. ୧୬୪/୨୦ରେ ମାମଲା ରୁଜୁ କରାଯାଇଛି। ସେହିପରି ସଦର ଥାନା ଇନ୍ଦିପୁର ଅଞ୍ଚଳରୁ ପଥର ବୋଝଇ ଟ୍ରାକ୍ଟର (ଓଡି.୦୬-୭୦୦୮)କୁ ବଡଧୋବା ଛକରୁ ଜବତ ପରେ ଇନ୍ଦିପୁର ଗ୍ରାମର ଦିଲୀପ ପ୍ରଧାନ ଓ ଗୌରାଙ୍ଗ ସାହୁଙ୍କୁ ଗିରଫ କରାଯାଇଛି। ଏ ନେଇ ସଦର ଥାନାରେ ନଂ. ୫୨୦/୨୦ରେ ମାମଲା ରୁଜୁ ହୋଇଛି। ଇନ୍ଦିପୁର ପଥର ଖାଦାନରୁ ମାଙ୍କଡା ପଥର ବୋଝେଇ ଟ୍ରାକ୍ଟର(ଓଡି.୦୬-ଏଚ୍-୮୩୮୮)କୁ କୋଇଲିପଙ୍ଗି ଛକଠାରେ ଜବତ ପରେ ବେଶାଳିଆ ଗ୍ରାମରେ କାର୍ତ୍ତିକ ନାୟକ ଓ ଛାଟିଆ ଗ୍ରାମର ଦିନବନ୍ଧୁ ରାଉତଙ୍କୁ ଗିରଫ କରାଯାଇଛି। ସଦର ଥାନାରେ ନଂ.୫୨୧/୨୦ରେ ମାମଲା ରୁଜୁ କରାଯାଇଛି। ସେହିପରି ଗୁରୁଜାଙ୍ଗ ଅଞ୍ଚଳରୁ ବାଲି ବୋଝେଇ ଦୁଇଟି ଟ୍ରାକ୍ଟର (ଓଡି ୦୬-ଡି-୩୮୦୧ ଓ ଓଡି ୨୨-ଇ-୯୪୦୫) ଗୁରୁଜାଙ୍ଗ ଛକଠାରେ ଜବତ ସହ ଗୁରୁଜାଙ୍ଗ ଗ୍ରାମର ଶବର ବିଶ୍ୱାଳ, ରାକେଶ ବିଶ୍ୱାଳ ଓ ଦାମୋଦର ବିଶ୍ୱାଳଙ୍କୁ ପୋଲିସ ଗିରଫ କରିଛି। ସଦର ଥାନାରେ ଏ ନେଇ ନଂ. ୫୨୨/୨୦ରେ ଏକ ମାମଲା ରୁଜୁ କରାଯାଇଛି।

# କନ୍ତିମିଲିରେ ୪୦ ହାତୀ

**ହିନ୍ଦୋଳ, ୯।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କନ୍ତିମିଲି ପଞ୍ଚାୟତରେ ସପ୍ତାହେ ହେଲା ୪୦ ହାତୀ ଉପଦ୍ରବ ଚଳାଇଛନ୍ତି। ସନ୍ଧ୍ୟାହେଲେ ହାତୀପଲ ଚାଷୀଙ୍କ ଜମିରେ ପଶି ପନିପରିବା ସମେତ ଶହ ଶହ ଏକର ଧାନ ଫସଲ ନଷ୍ଟ କରିଦେଉଛନ୍ତି। ବନ ବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହେଉଥିବାରୁ ଚାଷୀମାନେ ଏ ନେଇ ଚିନ୍ତାରେ ପଡିଛନ୍ତି। ପଞ୍ଚାୟତର ସାନମୁଣ୍ଡା, କୁମୁରୁସିଂହା ଗ୍ରାମରେ ମଧ ହାତୀପଲ ଉପଦ୍ରବ ଜାରି ରଖିଛନ୍ତି। ତୁରନ୍ତ ହାତୀ ନ ଘଉଡ଼ାଗଲେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ବନ ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଇ କ୍ଷତିର ଆକଳନ କରାଯାଇଛି।



ନଷ୍ଟ ହୋଇଥିବା ଫସଲ।

ସରକାରୀ ନିୟମାନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଉଠ୍‌ବସ୍ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

**ବଇଣ୍ଡା, ୯।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର କଲେଜ ଛକ ପରିସରରେ ମାସ୍କ ପିନ୍ଧି ନ ଥିବା ୨ ଜଣ ବ୍ୟକ୍ତି ଶନିବାର ତହସିଲଦାରଙ୍କ ଉପସ୍ଥିତିରେ ବସଉଠ୍ ହେବା ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ଜୀବନ ଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ ଦାବି ହୋଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କିଶୋରନଗର ବିଡିଓଙ୍କୁ ପ୍ରଦାନ କରାଯାଯାଇଛି। ଏଥିସହ କିଶୋରନଗର ବଣିକ ସଂଘ ପକ୍ଷରୁ କିଶୋରନଗରର ସମସ୍ତ ଦୋକାନ ବଜାର ବନ୍ଦ କରାଯାଇ ଆନ୍ଦୋଳନ କରାଯାଇଥିଲା। ଜରିମାନା ନ ଦେଇପାରିବାରୁ ସେମାନେ ବସ୍‌ଉଠ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ତହସିଲଦାରଙ୍କ ଭୟରେ ସମ୍ପୃକ୍ତ ବ୍ୟକ୍ତି ଦ୍ୱୟ ବସ୍‌ଉଠ ହେଉଥିବା ନେଇ କହିଥିବାର ଏକ ଅଡିଓ ସୋମବାର ଭାଇରାଲ ହୋଇଛି। ତେବେ କାହାକୁ ବସ୍‌ଉଠ ହେବାକୁ କହି ନ ଥିବା ତହସିଲଦାର ପ୍ରକାଶ କରିଛନ୍ତି।



ବଣିକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିସ୍ଥାପନ ନେଇ ବୈଠକ

**କଣିହାଁ, ୯।୧୧(ଡି.ଏନ.ଏ.)**

ମନ୍ଦାକିନୀ 'ଖ' କୋଇଲା ଖଣି ପାଇଁ ବାଲିପଙ୍ଗା, କାକୁଡିଆ, ବଡ ଚାଙ୍ଗୁଡିଆ, ସାନଚାଙ୍ଗୁଡିଆ, ସନ୍ତରାବନ୍ଧ (ଛେଣ୍ଡିପଦା), ସନ୍ତରାବନ୍ଧ(କଣିହାଁ), ବଇଣ୍ଡା, ଟାକୁଆ ଗ୍ରାମବାସୀ ବିସ୍ଥାପିତ ହେବେ। ଏ ନେଇ ରବିବାର ବାଲିପଙ୍ଗା ଭଣେଶ୍ୱରୀ ପୀଠଠାରେ ଏକ ବୈଠକ ବସିଥିଲା। ଏଥିରେ ପ୍ରତି ଗ୍ରାମର ଗ୍ରାମ୍ୟ କମିଟି ସଭାପତି, ସମ୍ପାଦକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିରେ କମ୍ପାନୀ ଓ ପ୍ରଶାସନର ବିଭିନ୍ନ ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ଏହି ଅବସରରେ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯିବା ସହ ଏହାର ସଭାପତି, ସମ୍ପାଦକ ଚୟନ କରାଯାଇଛି। କମିଟି ବିନା ଅନୁମତିରେ କମ୍ପାନୀ କିମ୍ବା ପ୍ରଶାସନର କୌଣସି ନିଷ୍ପତ୍ତି କାର୍ଯ୍ୟକାରୀ କରାଯିବ ନାହିଁ ବୋଲି ସ୍ଥିର ହୋଇଥିଲା। ଏଥିସହ ଆଗାମୀ ଆର୍‌ପିଡିଏସି ବୈଠକରେ କମିଟି ଯୋଗ ଦେବନି ବୋଲି ନିଷ୍ପତ୍ତି ହୋଇଛି। କମ୍ପାନୀର କୌଣସି ଅଧିକାରୀଙ୍କୁ ଗ୍ରାମରେ ପୂରାଇ ଦିଆଯିବନାହିଁ ବୋଲି କମିଟିର ସଭାପତି ପ୍ରକାଶ କରିଛନ୍ତି।

# ଅନାସ୍ଥା ସପକ୍ଷରେ ସ୍ୱାଧୀନ କାଉନସିଲର

**ହିନ୍ଦୋଳ, ୯।୧୧(ଡି.ଏନ.ଏ.)**

ହିନ୍ଦୋଳ ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ୧୧ ଜଣ କାଉନସିଲର ବିଧିବଦ୍ଧ ଭାବେ ଜିଲାପାଳଙ୍କୁ ଜଣାଇବାପରେ ଗତ ୨୦ ତାରିଖରୁ ଅଜ୍ଞାତବାସରେ ରହିଛନ୍ତି। ଏବେ ପ୍ରସ୍ତାବ ପାଇଁ ତାରିଖ ଘୋଷଣା ହେବାକୁ ବାକି ଥିବାବେଳେ ଏହା ମଧ୍ୟରେ ଜଣେ ସ୍ୱାଧୀନ କାଉନସିଲର ଅନାସ୍ଥା ସପକ୍ଷରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିବା ସୂଚନା ମିଳିଛି। ଫଳରେ ପ୍ରସ୍ତାବ ଆଣିଥିବା କାଉନସିଲରଙ୍କ ସଂଖ୍ୟା ୧୨ ହୋଇଥିବା ଜଣାପଡିଛି। ଅଧ୍ୟକ୍ଷା ବିଜୁ ଜନତା ଦଳର ହୋଇଥିବାରୁ ସେହି ଦଳର ୧୧ କାଉନସିଲର ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ସୂଚନାଯୋଗ୍ୟ, ହିନ୍ଦୋଳ ଏନଏସିରେ ବିଜେଡିର ୧୩ ଜଣ, ସ୍ୱାଧୀନ ୨ ଜଣ ଏବଂ ଭାଜପାର ଜଣେ କାଉନସିଲର ଅଛନ୍ତି। ଅଧ୍ୟକ୍ଷା ମନମୁଖୀ କାମ କରିବା ସହ କାଉନସିଲରମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ କାଉନସିଲରମାନେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ଜଣାଯାଇଛି।

# ୨ ମଦ ବ୍ୟବସାୟୀ ଗିରଫ

**କଣିହାଁ, ୯।୧୧(ଡି.ଏନ.ଏ.)**

ବେଆଇନ ମଦ ବିକ୍ରି ଅଭିଯୋଗରେ ପୋଲିସ ସୋମବାର ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦଣ୍ଡସିଂହା ଗ୍ରାମର ଅନିଲ ମହାନ୍ତି(୩୨) ଓ ରେଙ୍ଗାଳି ଗ୍ରାମର ମହେନ୍ଦ୍ର ବେହେରା। କଣିହାଁ ଥାନା ଆଇଆଇସି ପ୍ରଭାତ ତ୍ରିପାଠୀଙ୍କ ସୂଚନା ମୁତାବକ, ରବିବାର ରାତିରେ ପାଟ୍ରୋଲିଂବେଳେ ଅନିଲଙ୍କଠାରୁ ୧୦ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ଏ ନେଇ ନଂ. ୨୨୩/୨୦ରେ ମାମଲା ରୁଜୁ କରାଯାଇଛି। ସେହିପରି ରେଙ୍ଗାଳି ଗ୍ରାମର ମହେନ୍ଦ୍ର ବେହେରା ତାଙ୍କ ଘରେ ଦେଶୀ ମଦ ବିକ୍ରି କରୁଥିବାବେଳେ ରବିବାର ରାତିରେ ଚଢ଼ାଉ କରାଯାଇଥିଲା। ମହେନ୍ଦ୍ରଙ୍କୁ ଗିରଫ କରାଯିବା ସହ ରେଙ୍ଗାଳି ଥାନାରେ ନଂ. ୧୫୪/୨୦ରେ ମାମଲା ରୁଜୁ ହୋଇଥିବା ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି।

# ନାବାଳିକା ବିବାହ ରୋକିବା ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୯।୧୧**

## ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ସମୀକ୍ଷା

ଶିଶୁମାନଙ୍କ ସୁରକ୍ଷା ଓ ଯତ୍ନ ପାଇଁ ଅନୁଗୋଳ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମୀକ୍ଷା କରିଛନ୍ତି। ବିଶେଷକରି ନାବାଳିକା ବିବାହ ରୋକିବାକୁ ତୃଣମୂଳସ୍ତରରୁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ସହ ପ୍ରତି ୧୫ ଦିନରେ ପଞ୍ଚାୟତସ୍ତରରେ ବୈଠକ ଡାକି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ବାଲ୍ୟ ବିବାହ ସମାଜର ଏକ କଳଙ୍କ। ଏହା କିପରି ପ୍ରଭାବ ପକାଉଛି ସେ ସମ୍ପର୍କରେ ପିଲାମାନଙ୍କୁ ବୁଝାଇବା ସହ ଏକ ସୁରକ୍ଷିତ ଶୈଶବକୁ ଦୃଷ୍ଟିରେ ରଖି ସେମାନଙ୍କ ଉପଯୁକ୍ତ ଯତ୍ନ ନେବା ଉପରେ ଜିଲାପାଳ ଗୁରୁତ୍ୱରୋପ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ସମନ୍ୱିତ ଶିଶୁ ସୁରକ୍ଷା ଯୋଜନାର କାର୍ଯ୍ୟକାରିତା, ବାଲ୍ୟବିବାହ ନିରୋଧ ଆଇନ ଅଧୀନରେ ଜିଲା, ବ୍ଲକ ଏବଂ ପଞ୍ଚାୟତସ୍ତରୀୟ ଟାସ୍କଫୋର୍ସ ଗଠନ ଓ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ। ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଏଲ୍‌ପିଓ ପ୍ରଦୀପ ନାୟକ ଶିଶୁ ଅଧିକାରର ଅବମାନନା, ପଞ୍ଚାୟତ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଉପରେ ଆଲେକପାତ କରିଥିଲେ। ପୋକ୍ସୋ ଆଇନ୍, ଶିଶୁ ଚାଲାଣ ବନ୍ଦ, ଅଧିକ ବାଲ୍ୟବିବାହ ଅଞ୍ଚଳକୁ ଚିହ୍ନଟ କରି ସଚେତନତା କାର୍ଯ୍ୟକ୍ରମ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲାର ସମସ୍ତ ଶିଶୁ ଯେପରି ବିଦ୍ୟାଳୟକୁ ଯିବେ ସେ ନେଇ ପଦକ୍ଷେପ ନେବାକୁ ଜିଲାପାଳ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ଶିଶୁ ମଙ୍ଗଳ କମିଟି କର୍ମକର୍ତ୍ତାମାନେ

# ୫ ଲକ୍ଷ ଠକେଇ ଘଟଣା ସାଙ୍ଗକୁ ବାନ୍ଧିଲା ପୋଲିସ

**ଅନୁଗୋଳ ଅଫିସ, ୯।୧୧**

ଅନୁଗୋଳ ବିଜୁ ମଇଦାନ ଠାରେ ଗତ ଶୁକ୍ରବାର ଅପରାହ୍ନରେ ନକଲି ସୁନା ଦେଇ ୫ ଲକ୍ଷ ଠକେଇ ଘଟଣାରେ ପୋଲିସ ଠକେଇର ଶିକାର ହୋଇଥିବା ଯୁବକଙ୍କ ସାଙ୍ଗଙ୍କୁ ଗିରଫ କରିଛି। ଅଭିଯୁକ୍ତ କଳମଛୁଇଁ ଅଞ୍ଚଳର ନିରଞ୍ଜନ ପ୍ରଧାନ(୪୫) ବୋଲି ଅନୁଗୋଳ ପୋଲିସ ସୂଚନା ଦେଇଛି। ତାଙ୍କୁ ୪୨୦ ଦଫାରେ ସୋମବାର କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, କଳମଛୁଇଁ ଅଞ୍ଚଳର ମନ୍ଦରଧର ଓ ନିରଞ୍ଜନ ସୁନା କିଣିବାକୁ ଅନୁଗୋଳ ଆସିଥିଲେ। ଆନ୍ଧ୍ରପ୍ରଦେଶର ଜଣେ ବ୍ୟବସାୟୀଙ୍କଠାରୁ ମନ୍ଦରଧର ସୁନା ଆଣି ସେ ବାବଦ ୫ ଲକ୍ଷ ଟଙ୍କା ନିରଞ୍ଜନଙ୍କୁ ଦେଇଥିଲେ। ମନ୍ଦରଧର ସୁନାର ମାନ ପରୀକ୍ଷା କରିବାକୁ ଦୋକାନକୁ ଯାଇଥିବାବେଳେ ବ୍ୟବସାୟୀ ଜଣକ ଟଙ୍କା ନେଇ ଚମ୍ପଟ ମାରିଥିଲେ। ମନ୍ଦରଧରଙ୍କ ଅଭିଯୋଗ କ୍ରମେ ଏସ୍‌ଆଇ ବିପ୍ଳବ ସାହୁ ତଦନ୍ତ କରି ମଧ୍ୟସ୍ଥତା କରିଥିବା ନିରଞ୍ଜନଙ୍କୁ ଗିରଫ କରିଛନ୍ତି।

# ବାଣ କଟକଣା ଅନୁଧାନ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୯।୧୧**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍‌ୱାନ ଭିଡିଓ କନଫରେନ୍ସିଂ ହଲ୍‌ରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୋମବାର କୋଭିଡ ସ୍ଥିତି ସମ୍ପର୍କରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମୀକ୍ଷା କରିଛନ୍ତି। ସଂକ୍ରମଣକୁ ଦୃଷ୍ଟିରେ ରଖି କାଳୀପୂଜା ସମୟରେ ମଧ ମଣ୍ଡପଗୁଡିକରେ ସର୍ବସାଧାରଣ ଦର୍ଶନ, ପ୍ରସାଦ ସେବନ ଓ ଜନ ସମାଗମକୁ ବାରଣ କରାଯାଇଛି। ସେହିପରି ବାଣ ତିଆରି, ବିକ୍ରି ଏବଂ ଏହାର ବ୍ୟବହାରକୁ ନିଷେଧ କରାଯାଇଛି। ଆସନ୍ତା ୧୦ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ଏହାକୁ ଅବମାନନା ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅନୁଧାନ ପାଇଁ ସମସ୍ତ ଉପଜିଲାପାଳ, ବିଡିଓ ଓ ତହସିଲଦାରମାନେ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏ ନେଇ ସଚେତନତା ବାର୍ତ୍ତା ପ୍ରଚାର କରାଯିବ। ଅନ୍ୟପକ୍ଷରେ ଟେଷ୍ଟିଂ ସେଣ୍ଟରଗୁଡିକରେ ଅନ୍ୟୁନ୍ୟ ୧୦୦ ଆଣ୍ଟିଜେନ ଟେଷ୍ଟ କରାଯିବା ସହିତ ଆର୍‌ଟିପିସିଆର୍ ଟେଷ୍ଟ କରାଯିବ। ହେଲ୍‌ପ ଡେସ୍କ ମାଧ୍ୟମରେ ହୋମ୍ ଆଇସୋଲେଶନରେ ଥିବା ଆକ୍ରାନ୍ତମାନଙ୍କ ସହିତ ନିୟମିତ ଯୋଗାଯୋଗ କରାଯାଇ ସେମାନଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟଗତ ତଥ୍ୟ ସଂଗ୍ରହ କରାଯିବ। ବିଭିନ୍ନ ବିଭାଗରେ ପଡି ରହିଥିବା ଇ-ଅଭିଯୋଗଗୁଡିକର ଯଥାଶୀଘ୍ର ଫଇସଲା କରି ଜିଲା କାର୍ଯ୍ୟାଳୟକୁ ଜଣାଇବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ସମୀକ୍ଷାରେ ଅତିରିକ୍ତ ଜିଲାପାଳ ସୌଦାମିନୀ ସେଠୀ, ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ସ୍ଥିତି ସମୀକ୍ଷା କଲେ ଜିଲାପାଳ

